## ସଂକ୍ଷେପରେ

### ୨୫୦୦ ଲିଟର ପୋଚ ନଷ୍ଟ, ୨ ଗିରଫ

ଧରାକୋଟ,୨୩।୮(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଅଞ୍ଚଳରେ ବେଆଇନ ମଦ କାରବାର ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବ୍ଲକର ରୁଗୁମୁ, ସାଇପୁର, ହରିପୁର ଓ ଚମ୍ପାପଲି ଗ୍ରାମରେ ଚୋରାରେ ମଦରନ୍ଧା ଯାଉଥିବା ସମ୍ପର୍କରେ ଶୁକ୍ରବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଗଞ୍ଜାମ ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ଭଞ୍ଜନଗର, ସୋରଡ଼ା ଓ ଆସିକା ରେଞ୍ଜ ଅବକାରୀ କର୍ମଚାରୀମାନେ ଚଢ଼ଉ କରିଛନ୍ତି। ଅବକାରୀ ନିରୀକ୍ଷକ ଡମ୍ବରୁଧର ହରିଜନଙ୍କ ନେତୃତ୍ୱରେ ରୁଗୁମୁ, ସାଇପୁର ଓ ହରିପୁର ଗ୍ରାମରେ ଏପିଆର ଫୋର୍ସ ସହାୟତାରେ ଚଢାଉ ବେଳେ ପ୍ରାୟ ୨୫୦୦ ଲିଟର ଦେଶୀ ମଦ ପୋଚ ନଷ୍ଟ କରାଯାଇଛି। ଏହି କାରବାର ଅଭିଯୋଗରେ ହରିପୁର ଗ୍ରାମରୁ ନବୀନ ସ୍ୱାଇଁ ଓ ପୁଷ୍ପ ନଗର ଗ୍ରାମରୁ ଲକ୍ଷ୍ମୀ ସେଠୀ ନାମକ ମହିଳାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ମିଳିତ ଚଢ଼ାଉରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ସୋରଡ଼ା ତହସିଲଦାର ଆକାଶ ରଞ୍ଜନ ସାହୁ ରହିଥିବା ବେଳେ, ବଡଗଡ ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂହ, ସବ ଇନ୍ସପେକ୍ଟର ରାକେଶ ଖୁଣ୍ଟିଆ, ଅଲିଭା ମାଝୀ, ଏଏସଆଇ ବାଲାଜୀ ରାଓ, ରବୀନ୍ଦ୍ର ନାଥ ବିଶାଳ,ନୀଳାମ୍ବର ନାୟକ ପ୍ରମୁଖ ସାମିଲ ଥିଲେ ।

### ଦକ୍ଷିଣକାଳୀ କଲ୍ୟାଣମଣ୍ଡପ ପ୍ରତିଷ୍ଠା

ପୋଲସରା,୨୩।୮(ସୁବ୍ରତ ବେହେରା): ଖପୋଲସରା ଏନଏସି କାଳୀ ମନ୍ଦିର ସାହିରେ ମା' ଦକ୍ଷିଣ କାଳୀଙ୍କ ନୂତନ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଉକ୍ତ କଲ୍ୟାଣ ମଣ୍ଡପକୁ ଲାଲୀ ପାତ୍ର ଉଦଘାଟନ କରିଛନ୍ତି। ଉଦ୍‌ଘାଟନ ବେଳେ ମା ଦକ୍ଷିଣ କାଳୀ ଅନୁଷ୍ଠାନ ଅଧିକାରୀ ବାବୁ ପ୍ରଧାନ, କମିଟି ସଦସ୍ୟ ଶିବ ପ୍ରସାଦ ସାହୁ, ବୁଲୁ ସାହୁ, ଦେବାଶିଷ ସାହୁ, ବାବୁ ପରିଡ଼ା, ମୋଚିରାମ ସାହୁ, ଅଧମ ପ୍ରଧାନ, କବିରାଜ ପ୍ରଧାନ, ବୁଲୁ ପ୍ରଧାନ, ବୃନ୍ଦାବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମା ଦକ୍ଷିଣ କାଳୀ ଅନୁଷ୍ଠାନର ସମସ୍ତ କଳାକାର ଉପସ୍ଥିତ ରହି ସହଯୋଗ କରିଥିଲେ।

### ମୁଜାଗଡ଼ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଭଞ୍ଜନଗର,୨୩।୮(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ମୁଜାଗଡ଼ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚଙ୍କ ବିରୋଧରେ ଶୁକ୍ରବାର ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଦାବି ହୋଇଛି। ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୧୧ଜଣ ୱାର୍ଡମେମ୍ବର ଶୁକ୍ରବାର ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀଙ୍କୁ ଭେଟି ଦାବି ଉପସ୍ଥାପନ କରିଛନ୍ତି। ସେଠାରେ ଭାଜପା ଯୁବନେତା ଶିବ ଶଙ୍କର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଉପଜିଲାପାଳ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଦିନ ଧାର୍ଯ୍ୟ କରିବେ। ସେହିଭଳି ଆଗକୁ ଆଉ କେତେକ ପଞ୍ଚାୟତର ସରପଞ୍ଚଙ୍କ ସମେତ ବ୍ଲକ ଅଧକ୍ଷଙ୍କ ବିରୋଧରେ ମଧ୍ୟ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ଭାଜପା ପକ୍ଷରୁ ଯୋଜନା ଚାଲିଛି। ଅନ୍ୟପକ୍ଷରେ ବିଜେଡି ମଧ୍ୟ କେତେକ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନିଜ ଦଳର ସମର୍ଥିତ ୱାର୍ଡମେମ୍ବର ମାନଙ୍କୁ ଏକାଠି କରୁଛି।

# ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ କାର୍ଯ୍ୟକାରୀ ହେବ

ଛତ୍ରପୁର,୨୩।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଗଞ୍ଜାମ ଜିଲାରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ କାର୍ଯ୍ୟକାରୀ ହେବ। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ପ୍ରଥମ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସଦଭାବନା ସଭାଗୃହ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ପରିଚାଳନା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଶ୍ରୀ ପୃଷ୍ଟି ଅବଗତ କରାଇଥିଲେ ଯେ, ଗତବର୍ଷ ନଭେମ୍ବର ୧୫ରେ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚଳିତ ମାସ ୨୩ ତାରିଖରୁ ଆସନ୍ତା ସେପ୍ଟେମ୍ବର ମାସ ୧୦ ତାରିଖ ପର୍ଯ୍ୟନ୍ତ ମିଶନ ମୋଡରେ ଅନୁସନ୍ଧାନ କାର୍ଯ୍ୟଶେଷ ହୋଇ ଏହାର କାର୍ଯ୍ୟକାରିତା ଘେନି



ଜିଲାପାଳ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

ଖସଡା ପ୍ରସ୍ତୁତ ହେବ। ଏହି ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା ନିର୍ଦ୍ଦିଷ୍ଟ ରୂପେ ଦୁର୍ବଳ ଜନଜାତି ସମୁଦାୟଙ୍କ ଜୀବନର ମାନ ଉନ୍ନତି ହୋଇପାରିବ। ଏହି ଯୋଜନା ଭାରତର ୧୮ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରିତା ସହ ପରବର୍ତ୍ତୀ ତିନି ବର୍ଷରେ ଏହି ମିଶନ ପାଇଁ ୨୪ ହଜାର କୋଟି ଟଙ୍କା ଉତ୍ସର୍ଗିତ ହୋଇଛି। ଦୁର୍ବଳ ଜନଜାତି ସମୁଦାୟଙ୍କ ଜୀବନମାନ ଉନ୍ନତି ଆଣିବା ସକାଶେ ସମସ୍ତଙ୍କ ପାଇଁ ପକ୍କାଘର ଯେଉଁଥିରେ ସ୍ଥାନୀୟ ଢାଞ୍ଚା ଆଧାରରେ ଶୌଚାଳୟ ସହ ପକ୍କାଘର ନିର୍ମାଣ ହେବ। ପ୍ରତ୍ୟେକ ଘରକୁ ନଳ ଯୋଗେ ପାଣି ଯୋଗାଣ, ଗାଁ ଗାଁକୁ ରାସ୍ତା, ଘରକୁ ବିଜୁଳି, ଉତ୍ତମ ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସୁବିଧା, ଉନ୍ନତ ପୋଷଣ, ଉନ୍ନତ ଜୀବନ ଧାରା, ଉନ୍ନତ ଟେଲିକମ ଯୋଗାଯୋଗ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆଧାରରେ ନିଃଶୁଳ୍କ ରାସନ, ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ଆଧାରରେ ନିଃଶୁଳ୍କ ଗ୍ୟାସ ଯୋଗାଣ, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଆଧାରରେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଆଧାରରେ ଗର୍ଭବତୀ ମା'ମାନଙ୍କୁ ଆର୍ଥିକ ସହାୟତା, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଆଧାରରେ ଗର୍ଭବତୀ ଓ ପ୍ରସୁତୀ ମା'ମାନଙ୍କୁ ଆର୍ଥିକ ସହାୟତା, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଯୋଜନା ଆଧାରରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ, ସିକିଲ ସେଲ ଆନିମିଆ, ଶତ ପ୍ରତିଶତ ଟିକା କରଣ, ଯକ୍ଷ୍ମା ନିବାରଣ, ମଧ୍ୟାହ୍ନ ଭୋଜନ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଇତ୍ୟାଦି ୨୨ଟି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ଜିଲାପାଳ ଶ୍ରୀ ପରିଡା ଜଣାଇଥିଲେ। ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେମିତି ଶେଷହେବ ସେଥିପ୍ରତି ଧ୍ୟାନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତୁମ୍ବା ଅଞ୍ଚଳ ଗ୍ରାମକୁ ରାସ୍ତା ସଠିକ ନଥିବା ହେତୁ ଶ୍ରମଦାନ କରି ଘର ତିଆରି ସାମଗ୍ରୀ ବୋହିନେବାକୁ ଜିଲାପାଳ ଶ୍ରୀ ପରିଡା ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷାମୁଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ସୁରେଶ ଚନ୍ଦ୍ର ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଟିଡି ୧୬ ଟିକା କଲେଜ ଛାତ୍ରୀଛାତ୍ରଙ୍କୁ ପ୍ରଦାନ

ଭଞ୍ଜନଗର,୨୩।୮(ବାବୁଲା ପ୍ରଧାନ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶୁକ୍ରବାର ଟିଡି ୧୬ ଟିକା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୧୬ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କୁ ହିଁ କେବଳ ଏହି ଟିକା ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାହାକୁ ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସ ଏବଂ ଜାତୀୟ ସେବା ଯୋଜନା ବାଳିକା ଏବଂ ବାଳକ ଶାଖା ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଅତିଥି ଭାବେ ପ୍ରାଧ୍ୟାପକ ବିଭାସ ଦାସ, ଅଧ୍ୟାପକ ଆର୍ ହରିଶ, ସନାତନ ବେହେରା, ଅଧ୍ୟାପିକା ଶେଫାଳି ପଟ୍ଟନାୟକ ଯୋଗଦେଇଥିଲେ। ଯୁବ ରେଡକ୍ରସ ଅଧିକାରୀ ବିଦେଶୀ ରାଉତ ସଭାକୁ ସଂଯୋଜନା କରିଥିଲେ। ଭଞ୍ଜନଗର ମେଡିକାଲ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇ ଟିକା ପ୍ରଦାନ କରିବା ସହ ଉକ୍ତ ଟିକାର ଆବଶ୍ୟକତା ସମ୍ପର୍କରେ କହିଥିଲେ।

# ଗଞ୍ଜାମର ୮ କଲେଜ ଏସଏସଆର୍ ଦାଖଲ କଲେ

## ନାକ୍ ମାନ୍ୟତା ପାଇଁ ତତ୍ପରତା

ଭଞ୍ଜନଗର,୨୩।୮(ବାବୁଲା ପ୍ରଧାନ): ଯେଉଁ କଲେଜଗୁଡିକ ନିର୍ଦ୍ଧାରିତ ସମୟରେ ନାକ୍ ମାନ୍ୟତା ପାଇଁ ଆବେଦନ କରିନାହାନ୍ତି ସେ ସବୁ କଲେଜ ବିରୋଧରେ କଡ଼ା ପଦକ୍ଷେପ ନେବା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି। ଆବଶ୍ୟକ ପଡିଲେ କର୍ମଚାରୀ ମାନଙ୍କ ଦରମା ମଧ୍ୟ ବନ୍ଦ କରାଯିବ। ତେଣୁ କଲେଜଗୁଡ଼ିକ ନାକ ମାନ୍ୟତା କିଭଳି ମିଳିବ ସେଥିପାଇଁ ତତ୍ପରତା ଦେଖାଇଛନ୍ତି। ଗଞ୍ଜାମ ଜିଲାର ୮ ଟି ମହାବିଦ୍ୟାଳୟ ନାକ୍ ମାନ୍ୟତା ପାଇବା ପାଇଁ ଶୁକ୍ରବାର ସୁଦ୍ଧା ସେଲ୍ଫ ଷ୍ଟଡି ରିପୋର୍ଟ (ଏସଏସଆର୍) ଦାଖଲ କରିଛନ୍ତି। ସେଗୁଡିକ ହେଲା ବ୍ରହ୍ମପୁର ଶଶୀଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ, ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟ, କୋଦଳା ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ, କବିସୂର୍ଯ୍ୟନଗରସ୍ଥିତ କବିସୂର୍ଯ୍ୟ ବଳଦେବ ରଥ ମହାବିଦ୍ୟାଳୟ, ଗଞ୍ଜାମସ୍ଥିତ ଗଞ୍ଜାମ ମହାବିଦ୍ୟାଳୟ, ଡୁରାସ୍ଥିତ ସ୍ନାତକ ମହାବିଦ୍ୟାଳୟ ଓ ଖଣ୍ଡଦେଉଳି ଶହୀଦ ଭଗତ ସିଂ ସ୍ନାତକ ମହାବିଦ୍ୟାଳୟ। ନାକ୍ ମାନ୍ୟତା ପାଇଁ ପ୍ରଥମେ ଉକ୍ତ କଲେଜ ଗୁଡିକ ନାମ ପଞ୍ଜିକରଣ କରିଥିଲେ। ତୃତୀୟ ପର୍ଯ୍ୟାୟରେ ଆଇଆଇକ୍ୟୁଏ ଦାଖଲ କରିଥିଲେ। ବର୍ତ୍ତମାନ ଚତୁର୍ଥ ପର୍ଯ୍ୟାୟରେ ଏସଏସଆର୍ ଦାଖଲ ହୋଇଛି। ଏହାପରେ ନାକ୍ ଟିମ ଅନଲାଇନ ମାଧ୍ୟମରେ ଦାଖଲ ହୋଇଥିବା କାଗଜପତ୍ର ଭେଲିଡେସନ ଆଣ୍ଡ ଭେରିଫିକେଶନ କରିବେ। ଏହାପରେ ଛାତ୍ରୀ ଛାତ୍ର ମାନଙ୍କୁ ମେଲ ମାଧ୍ୟମରେ ଷ୍ଟୁଡେଣ୍ଟ ସାଟିସଫିକେସନ ସର୍ଭେ (ଏସଏସଏସ) ଉପରେ ପଚରାଯିବ। ପରେ ନାକ ଟମ୍ କଲେଜଗୁଡିକୁ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବ। ଟିମ ଫେରିଯିବା ପରେ କଲେଜ ଗୁଡିକୁ ଗ୍ରେଡ ପ୍ରଦାନ କରିବ। ଉକ୍ତ ଗ୍ରେଡକୁ ଆଧାର କରି କେନ୍ଦ୍ର ସରକାର କଲେଜ ଗୁଡ଼ିକର ଉନ୍ନତି ପାଇଁ ଅନୁଦାନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବେ। ନାକ ଗ୍ରେଡ କିଭଳି ଭଲ ମିଳିବ ସେଥିପାଇଁ କଲେଜ କର୍ତ୍ତୃପକ୍ଷ ମାନେ ଅଧ୍ୟାପକ, କର୍ମଚାରୀମାନଙ୍କୁ ନେଇ ବିଭିନ୍ନ ପ୍ରସ୍ତୁତି ଚଳାଇଛନ୍ତି। ଏଥିସହ ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମଧ୍ୟ ବାରମ୍ବାର ବିଭିନ୍ନ କଲେଜ ଗସ୍ତ କରୁଛନ୍ତି। ସେହିପରି ସମସ୍ତ କଲେଜର ପରିଚାଳନା କମିଟି ମଧ୍ୟ ଗ୍ରେଡ କିଭଳି ଭଲ ମିଳିବ ସେଥିପାଇଁ ଚେଷ୍ଟା ଜାରି ରଖିଛନ୍ତି।

## ଦବି ଯାଇଥିବା ରାସ୍ତା କାମ ହେଲା

### ଧରିତ୍ରୀ ପ୍ରଭାବ

ଭଞ୍ଜନଗର,୨୩।୮(ବାବୁଲା ପ୍ରଧାନ): '୬ ମାସ ଯାଇନି ରାସ୍ତା ଦବିଗଲା' ଶୀର୍ଷକ ଏକ ଖବର ଗତ ବୁଧବାର 'ଧରିତ୍ରୀ'ରେ ପ୍ରକାଶିତ ହୋଇଥିଲା। ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦବିଯାଇଥିବା ରାସ୍ତାକୁ ମରାମତି କରାଯାଉଥିବା ଜଣାପଡିଛି। ରାସ୍ତା କାମ ନେଇଥିବା ଠିକାଦାର ମେସିନ ସହାୟତାରେ ରାସ୍ତାକୁ ଗୁରୁବାରଠାରୁ ମରାମତି କରୁଛନ୍ତି। ସୂଚନାଯୋଗ୍ୟ ଯେ, ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କମଳାବାରି ତୋଟାଠାରେ ବଡ଼ନଦୀ ଉପରେ ଏକ ହାଇଲେବଲ ସେତୁ ନିର୍ମାଣ ହୋଇଥିଲା। ୬ ମାସ ପୂର୍ବେ ତାହାର ଉଦ୍‌ଘାଟନ ହୋଇଥିଲା। କିଛିଦିନ ପୂର୍ବେ ସମ୍ପୃକ୍ତ ଅଞ୍ଚଳରେ ବର୍ଷା ହୋଇଥିଲା। ଫଳରେ ସେତୁର ଉଭୟ ପାର୍ଶ୍ୱରେ ହୋଇଥିବା ପିଚୁ ରାସ୍ତା ଦବି ଯାଇଥିଲା, ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେଣୁ ଏନେଇ 'ଧରିତ୍ରୀ'ରେ ଏକ ଖବର ପ୍ରକାଶିତ ହୋଇଥିଲା।

# ଶିକ୍ଷକଙ୍କ ମାଡ଼ରେ ବହୁ ଛାତ୍ରୀ ଆହତ

ବେଲଗୁଣ୍ଠା,୨୩।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗୋବରା ପଞ୍ଚାୟତର ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରବିନାରାୟଣ ଗୌଡ଼ଙ୍କ ମାଡ଼ରେ ନବମ ଶ୍ରେଣୀର ବହୁ ଛାତ୍ରୀ ଆହତ ହୋଇଥିବା ଅଭିଯୋଗ ଆଣିଛନ୍ତି ଅଭିଭାବକମାନେ। ପ୍ରଧାନ ଶିକ୍ଷକ ଛାତ୍ରୀମାନଙ୍କୁ କିଛି ଖାତା ଶନିବାର ଆଣିବାକୁ କହିଥିଲେ ମଧ୍ୟ ଗୁରୁବାର ଛାତ୍ରୀମାନଙ୍କ ଖାତା ଯାଞ୍ଚ୍ କରିଥିଲେ। କିନ୍ତୁ ଛାତ୍ରୀମାନଙ୍କୁ ଶନିବାର ଖାତା ଆଣିବାକୁ କୁହାଯାଇଥିବାରୁ ଶ୍ରେଣୀର ତିନିଟି ପିଲାଙ୍କୁ ଛାଡିଦେଲେ ଆଉ ୩୬ ଜଣ ଛାତ୍ରୀ ଖାତା ଆଣି ନ ଥିବାରୁ ପ୍ରଧାନ ଶିକ୍ଷକ ରାଗିଯାଇ ସମସ୍ତ ଛାତ୍ରୀଙ୍କୁ ନିର୍ଘୁମ ପିଟିଥିଲେ। ଫଳରେ ବହୁ ଛାତ୍ରୀଙ୍କ ହାତ ଫାଟିଯାଇଥିଲା। ଏ ସମ୍ପର୍କରେ ଅଭିଭାବକଙ୍କୁ କହିଲେ ଟିସି



ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟ

ଦେଇ ବିଦ୍ୟାଳୟରୁ ବାହାର କରିଦେବାକୁ ପ୍ରଧାନ ଶିକ୍ଷକ ଧମକ ଦେଇଥିବା ଛାତ୍ରୀମାନେ ଅଭିଭାବକଙ୍କୁ କହିଥିଲେ। ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ ଛାତ୍ରୀମାନଙ୍କୁ ମାଡ ମାରିଥିବା ସ୍ୱୀକାର କରିଥିଲେ। ଶୁକ୍ରବାର ସ୍ଥାନୀୟ ଅଭିଭାବକ ନନ୍ଦ ସାହୁ, ତପନ କୁମାର ସାହୁ, ପ୍ରକାଶ ସାହୁ, ବିଜୟ ଲକ୍ଷ୍ମୀ ମହାରଣା, ଲକ୍ଷ୍ମୀ ସାହୁ, ବନିତା ସାହୁ, ସୀତା ବେହେରା ସମେତ ବହୁ ଅଭିଭାବକମାନେ ବିଦ୍ୟାଳୟକୁ ଆସିଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ଛୁଟିରେ ଥିବାରୁ ଅଭିଭାବକମାନେ ତାଙ୍କୁ ସାକ୍ଷାତ କରିପାରି ନାହାନ୍ତି। ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ ଏନେଇ କିଛି ଜାଣି ନଥିବା କହିଛନ୍ତି। ଘଟଣା ସମ୍ପର୍କରେ ସେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ଡିଏମ୍‌ଭିଭି ଭାରତୀୟ ମହିଳା ଶକ୍ତି ଫାଉଣ୍ଡେଶନ ଗଞ୍ଜାମ ଜିଲା ଶାଖା ଉଦଘାଟନ

ଛତ୍ରପୁର, ୨୩।୮ (ଦିଲ୍ଲୀପ ସାମଲ): ଗଞ୍ଜାମ ଜିଲାର ଗ୍ରାମାଞ୍ଚଳ ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ଡିଏମ୍‌ଭିଭି ଭାରତୀୟ ମହିଳା ଶକ୍ତି ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ଗଞ୍ଜାମ ଜିଲାସ୍ତରୀୟ କାର୍ଯ୍ୟାଳୟ ଛତ୍ରପୁର ସ୍ଥିତ ପଟ୍ଟନାୟକ କଲୋନୀଠାରେ ଉଦଘାଟନ ହୋଇଯାଇଛି। ଉକ୍ତ ଉଦ୍‌ଘାଟନୀ ସଭାରେ ଡିଏମ୍‌ଭିଭି ଭାରତୀୟ ମହିଳା ଶକ୍ତି ଫାଉଣ୍ଡେଶନ ସଂସ୍ଥାର ସଂସ୍ଥାପକ ଦୁଲାଲ ମୁଖାର୍ଜୀ ଓ ଅଙ୍କିତା ମୁଖାର୍ଜୀ ଏବଂ ଏଡିଜି ଚିତ୍ତରଞ୍ଜନ ବିଶ୍ୱାଳ ଯୋଗଦେଇ ଜିଲା କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ଗଞ୍ଜାମ ଜିଲାରେ ଡିଏମ୍‌ଭିଭି ଭାରତୀୟ ମହିଳା ଶକ୍ତି ଫାଉଣ୍ଡେଶନର ମହିଳାମାନଙ୍କୁ ରୋଜଗାର ଯୋଗାଇବାରେ ଗୁରୁତ୍ୱ ବହନ କରିବ ବୋଲି କହିଥିଲେ ଶ୍ରୀ ମୁଖାର୍ଜୀ କହିଥିଲେ। ଏହି ସଂସ୍ଥା କାର୍ଯ୍ୟକ୍ଷମ ହେଲେ ଗ୍ରାମାଞ୍ଚଳରେ କ୍ଷୁଦ୍ର ସ୍ଲିପ ମାଧ୍ୟମରେ ମହିଳାମାନେ ଭଲ ରୋଜଗାର କରିପାରିବେ ବୋଲି ମହିଳାମାନେ ଆଶା ପ୍ରକଟ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଅଧିକାରୀ ସୁପ୍ରଭା ସ୍ୱାଇଁ, ସହ ଓଡିଶା ଅଧିକାରୀ ମନୋଜ କୁମାର ପଣ୍ଡା, ଜିଲାର ମୁଖ୍ୟ ସୁକାନ୍ତ କୁମାର ନାୟକ, ରୀନା ନାହାକ, ମାନବ ସମ୍ବଳ ଅଧକାରୀ ରାଜେନ୍ଦ୍ର ନାହାକଙ୍କ ସହ ଛତ୍ରପୁର ଗ୍ରାମାଞ୍ଚଳ ଏବଂ ସହରର ବହୁ ମହିଳା ଯୋଗଦେଇଥିଲେ।

## ଦିଗପହଣ୍ଡି ଝିଅ ପାଇଲେ ରୌପ୍ୟପଦକ




ଅତିଥିମାନେ ଅନ୍ୱେଷାଙ୍କୁ ପୁରସ୍କୃତ କରୁଛନ୍ତି ।

ଦିଗପହଣ୍ଡି,୨୩।୮ (ଅଶେଷ ନାଥ ମିଶ୍ର): କର୍ଣ୍ଣାଟକର ବେଙ୍ଗାଲୁରସ୍ଥିତ କୋରାମଙ୍ଗଳ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ୫୫କିଲୋ ବର୍ଗର ଟାଇକୋଣ୍ଡୋ ଆସୋସିଏଶନ ଚମ୍ପିୟାନଶିପରେ ଦିଗପହଣ୍ଡିର ଝିଅ ଅନ୍ୱେଷା ପଣ୍ଡା ରୌପ୍ୟ ପଦକ ହାସଲ କରିଥିବା ଜଣାପଡିଛି। ଶୁକ୍ରବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଆୟୋଜକ କମିଟି ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ଦିଗପହଣ୍ଡି ଏନ୍‌ଏସି ୪ନଂ ୱାର୍ଡ ଅନ୍ନପୂର୍ଣ୍ଣା ସାହିର ଅବସରପ୍ରାପ୍ତ ସେନାଅଧିକାରୀ ବ୍ରଜକିଶୋର ପଣ୍ଡାଙ୍କ କନ୍ୟା ରାଜ୍ୟ ପାଇଁ ଗୌରବ ଅର୍ଜନ କରିଥିବାରୁ ସହରର ବହୁ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। ଗୁରୁବାର ଅନୁଷ୍ଠିତ ପ୍ରତିଯୋଗିତାରେ ବିଶ୍ୱର ୧୬ରୁ ଊର୍ଦ୍ଧ୍ୱ ଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିବା ଜଣାପଡିଛି।

# ମହିଳାଙ୍କ ଆତ୍ମହତ୍ୟା

ବୁଗୁଡ଼ା,୨୩।୮(କାଳିଚରଣ ଦାଶ) ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କାଦପଡା ଗ୍ରାମର ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କାଦପଡା ଗାଁର ବିରାଜିନୀ ସ୍ୱାଇଁ (୪୭)। ଶୁକ୍ରବାର ସକାଳେ ପାରିବାରିକ କଳହ ଓ ମାନସିକ ଅଶାନ୍ତି ଯୋଗୁ ବିରାଜିନୀ ଚାଉଳରେ ପୋକ ନ ଲାଗିବା ପାଇଁ ରଖା ଯାଉଥିବା ବିଷ ଖାଇ ଦେଇଥିଲେ। ପରିବାର ଲୋକେ ଏହା ଜାଣିପାରି ତାଙ୍କୁ ବୁଗୁଡା ମେଡିକାଲକୁ ଆଣିଥିଲେ। ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ବୀରଜିନୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୧୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥବା ବାଲିପଦର ଫାଣ୍ଡି ଅଧିକାରୀ ନିଳାଦ୍ରୀ ରେଡି ସୂଚନା ଦେଇଛନ୍ତି।

## ମୁଖ୍ୟ ଡାକଘର ବୁଲିଲେ ୟୁରୋ ସ୍କୁଲ ବିଦ୍ୟାର୍ଥୀ

ଛତ୍ରପୁର,୨୩।୮(ଦିଲ୍ଲୀପ ସାମଲ): ଛତ୍ରପୁର ୟୁରୋ ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରମାନେ ସ୍କୁଲର ମୁଖ୍ୟ ରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପ୍ରିନ୍ସିପାଲ ତପସ୍ୱନୀ ସାହୁଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ମୁଖ୍ୟ ଡାକଘରକୁ ଯାଇ ଡାକଘରେ ଉପଲବ୍ଧ ବିଭିନ୍ନ ସେବା ସମ୍ପର୍କରେ ଅବଗତ ହୋଇଛନ୍ତି। ପୋଷ୍ଟମାଷ୍ଟର ଲଳିତ ବେହେରା, ଏପିଏମ ରାମଚନ୍ଦ୍ର ପ୍ରଧାନ ପିଲାମାନଙ୍କୁ ବିଭିନ୍ନ କାଉଣ୍ଟର ବୁଲାଇ ଡାକ ସେବା, ସଞ୍ଚୟ ଆଦି ବିଷୟରେ ଜଣାଥିଲେ। ହୁମ୍ମା ଉପ ଡାକପାଳ ତଥା ଜାତୀୟ ଡାକ କର୍ମଚାରୀ ସଂଘର ବ୍ରହ୍ମପୁର ମଣ୍ଡଳ ସମ୍ପାଦକ ଗୌରହରି ପଣ୍ଡା ବିଦ୍ୟାର୍ଥୀମାନଙ୍କୁ ଚିଠି ଲେଖିବା, ଠିକଣା ଲେଖିବା, ଡାକବାକ୍ସରେ ଡ୍ରପ କିଭଳି କରାଯାଏ ଦେଖାଇଥିଲେ। ବିଦ୍ୟାର୍ଥୀମାନେ ପୋଷ୍ଟ କାର୍ଡରେ ଚିଠି ଲେଖି ଡାକ ବାକ୍ସରେ ପକାଇ ଥିଲେ। ସ୍କୁଲର ମୁଖ୍ୟ ମହାପାତ୍ରଙ୍କ ଏହି ଉଦ୍ୟମ ପାଇଁ ବ୍ରହ୍ମପୁର ଡାକମଣ୍ଡଳ ତରଫରୁ ବିଜିନେସ ଏକଜିକ୍ୟୁଟିଭ ପ୍ରତାପ ସ୍ୱାଇଁ ଧନ୍ୟବାଦ ଜଣାଇଥିଲେ।

# ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ସୁଗମ କରୁଛି ବାଇକ୍ ଆମ୍ବୁଲାନ୍ସ

ଫୁଲବାଣୀ, ୨୩।୮(ରାକେଶ କୁମାର ରାଉତ) କନ୍ଧମାଳ ଜିଲାର ଦୁର୍ଗମ ଅଞ୍ଚଳରେ ରହିଛି ଗମନାଗମନର ସମସ୍ୟା। ଅନେକ ଗ୍ରାମକୁ ସର୍ବୁଦିନିଆ ରାସ୍ତା ନାହିଁ। ଫଳରେ ଆବଶ୍ୟକ ସମୟରେ ସେଠାରେ ଆମ୍ବୁଲାନ୍ସ ପହଞ୍ଚି ପାରୁନି। ଜରୁରୀ ସମୟରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସମ୍ଭବ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ଜିଲାରେ ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା। ଦୁର୍ଗମ ଅଞ୍ଚଳର ରୋଗୀଙ୍କୁ ଆବଶ୍ୟକ ସମୟରେ ଡାକ୍ତରଖାନାରେ ପହଞ୍ଚାଇବା ଏହି ବାଇକ୍ ଆମ୍ବୁଲାନ୍ସ ସେବାର ଲକ୍ଷ୍ୟ ଥିଲା। ଗତ ୨୦୧୮ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଏବେ ଜିଲାର ୪ଟି ବ୍ଲକରେ ଉପଲବ୍ଧ ହେଉଛି। ଏହାଦ୍ୱାରା ବର୍ତ୍ତମାନ ସୁଦ୍ଧା ୪ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଉପକୃତ ହେଲେଣି ବୋଲି ବିଭାଗୀୟ ଅଧିକାରୀ ଆଶିଷ ମହାନ୍ତି କହିଛନ୍ତି। ଗର୍ଭବତୀଙ୍କଠାରୁ ଆରମ୍ଭ କରି ସାଧାରଣ ରୋଗୀ ଏହି ଯୋଜନାରୁ ଉପକୃତ ହେଉଛନ୍ତି। ମହିଳାଙ୍କ ପ୍ରସବ ସମସ୍ୟାକୁ ସୁନିଶ୍ଚିତ କରିବା



ଦିଗରେ ଏହି ବାଇକ୍ ଆମ୍ବୁଲାନ୍ସ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜିଲାର ଫିରିଙ୍ଗିଆ, ଦାରିଙ୍ଗବାଡି, ବାଲିଗୁଡା ଓ ତୁମୁଡିବନ୍ଧ ବ୍ଲକର ଅପହଞ୍ଚ ଗ୍ରାମଗୁଡିକରେ ଏହି ସେବା ଜନସାଧାରଣଙ୍କ ନିକଟତର ହୋଇପାରିଛି। ଦୁର୍ଗମ ଅଞ୍ଚଳରେ କାହାର ଦେହଖରାପ ହେଲେ ଖବର ପାଇବା ମାତ୍ରେ ବାଇକ୍ ଆମ୍ବୁଲାନ୍ସ ରୋଗୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଛି। ଫଳରେ ଏଥିରୁ ଗର୍ଭବତୀ, ପ୍ରସୂତି, ବରିଷ୍ଠ ନାଗରିକ, ଶିଶୁ ଓ ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିମାନେ ଉପକୃତ ହେଉଛନ୍ତି। ବାଇକ୍ ଆମ୍ବୁଲାନ୍ସଗୁଡିକୁ ନିକଟସ୍ଥ ପ୍ରଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଡାଯାଇଛି। ଫଳରେ ଲୋକେ ସୁବିଧା ଓ ସହଜରେ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ବାଇକ୍ ଆମ୍ବୁଲାନ୍ସ ସେବାର ପରିଚାଳନା କରୁଥିବା ଜଣାପଡିଛି। ତେବେ ପ୍ରତ୍ୟେକ ବାଇକ୍ ଆମ୍ବୁଲାନ୍ସ ପାଇଁ ଜଣେ ଲେଖାଏ ଡ୍ରାଇଭର ନିଯୁକ୍ତ ହୋଇଛନ୍ତି। ନିକଟସ୍ଥ ଗ୍ରାମର ଆଶାକର୍ମୀଙ୍କ ନିକଟରୁ ସୂଚନା ପାଇବା ମାତ୍ରେ ବାଇକ୍ ଆମ୍ବୁଲାନ୍ସ ସେମାନଙ୍କ ନିକଟରେ ପହଞ୍ଚୁଛି। ଆମ୍ବୁଲାନ୍ସ ରୋଗୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା ପରେ ପୁଣି ସେମାନଙ୍କୁ ଆଣି ଘର ପାଖରେ ଛାଡିଥାଏ । ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲାର ୪୪୭୫ ରୋଗୀ ଏହି ବାଇକ୍ ଆମ୍ବୁଲାନ୍ସ ଦ୍ୱାରା ଉପକୃତ ହେଲେଣି। ସେମାନଙ୍କ ମଧ୍ୟରେ ୩୦୪୮ ଗର୍ଭବତୀ ଓ ୩୦୨ ଶିଶୁ ରହିଛନ୍ତି।

# ମୃତକଙ୍କ ପରିବାରକୁ ଭେଟିଲେ ସିପିଆଇଏମ୍ ପ୍ରତିନିଧି ଦଳ

## ମଦମୃତ୍ୟୁକୁ ନେଇ ଆରୋପ ପ୍ରତ୍ୟାରୋପ ଜାରି

ଚିକିଟି,୨୩।୮(ପ୍ରକାଶ ଚନ୍ଦ୍ର ସାହୁ): ଚିକିଟି ଅଞ୍ଚଳରେ ମଦମୃତ୍ୟୁକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ସେପଟେ ଘଟଣାର ଖୋଳତାଡ଼ ମଧ୍ୟ ଚାଲିଛି। ଶୁକ୍ରବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଏଥିରେ ସମ୍ପୂର୍ଣ୍ଣ ବିଜେଡିର ଲିଙ୍କ ରହିଥିବା ଏବଂ ବିଜେଡିର ବରିଷ୍ଠ ସଂଗଠକ ସୁରେନ୍ଦ୍ର ମଣ୍ଡଳଙ୍କ ନାମରେ ସଂଘାତିକ ଅଭିଯୋଗ ଆଣିଥିଲେ। ଚିକିଟି ନିର୍ବାଚନ ମଣ୍ଡଳୀର ବିଜେଡି ବରିଷ୍ଠ ସଂଗଠକ ମଣ୍ଡଳ ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ତାଙ୍କ ନାମରେ ଯଦି କୌଣସି ଦେଶୀ କିମ୍ବା ବିଦେଶୀ ମଦ ଦୋକାନ ଲାଇସେନ୍ସ ଅଛି କିମ୍ବା ପ୍ରରୋଚନାରେ କାରବାର ଚାଲିଥିବ ସେ ସମ୍ପର୍କରେ ବିଧାୟକ ପ୍ରମାଣ ଦେଲେ ସେ ରାଜନୀତିରୁ ସନ୍ୟାସ ନେବେ ବୋଲି ମଣ୍ଡଳ କହିଛନ୍ତି। ଅଭିଯୋଗ ମିଥ୍ୟା ପ୍ରମାଣିତ ହେଲେ



ମୃତକଙ୍କ ପରିବାର ସହ ଆଲୋଚନା କରୁଛନ୍ତି ସିପିଆଇଏମ ନେତା ।

ବିଧାୟକ ନିଜ ପଦବୀରୁ ଇସ୍ତଫା ଦେଇ ପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଶୁକ୍ରବାର ସିପିଆଇଏମ୍‌ର ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ କୈଳାଶ ଷଡ଼ଙ୍ଗୀ, ବିଦ୍ୟାଧର ଜେନା, ବ୍ରହ୍ମପୁର ନଗର ସମ୍ପାଦକ ଶିବପ୍ରସାଦ ମହାପାତ୍ର, ସିପିଆଇଏମ୍ ନେତା ପ୍ରମୋଦ ସାବତଙ୍କ ସମେତ ଏକ ପ୍ରତିନିଧି ଦଳ ଜେନାପୁର ଗ୍ରାମକୁ ଯାଇ ମୃତ ଜୁର ବେହେରା ଓ ଲୋକନାଥ ବେହେରାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ମୃତ୍ୟୁ ସମ୍ପର୍କରେ ପଚାରି ବୁଝିଥିଲେ। ମୃତ୍ୟୁର ୪ ଦିନ ବିତି ଯାଇଥିଲେ ସୁଦ୍ଧା ସରକାରଙ୍କ ତରଫରୁ କୌଣସି ଆର୍ଥିକ ସହାୟତା ମିଳି ନ ଥିବା ପରିବାର ଲୋକ ଅଭିଯୋଗ କରିଥିଲେ। ମୃତକଙ୍କ ପରିବାରକୁ ୨୦ଲକ୍ଷ ଓ ଯେଉଁମାନେ ଚିକିତ୍ସାଧିନ ଅଛନ୍ତି ସେମାନଙ୍କୁ ଉତ୍ତମ ଚିକିତ୍ସା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି ଜଣାଇବୁ ବୋଲି ସିପିଆଇଏମ୍ ପ୍ରତିନିଧି ଦଳ କହିଛନ୍ତି। ସେହିପରି ମଧ୍ୟାହ୍ନରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସ୍ତ୍ରୀ ମୀନା ଦ୍ୟାନ ସାମନ୍ତରା ଜେନାପୁର ଗ୍ରାମର ୨ ମୃତକଙ୍କ ପରିବାରକୁ ଭେଟିବାକୁ ସେମାନଙ୍କ ଘରକୁ ଯାଇଥିବା ବେଳେ ବିରୋଧର ସମ୍ମୁଖୀନ ହୋଇଥିବା ଜଣାପଡିଛି। ୪ ଦିନ ପରେ ବି ସରକାରୀ ସହାୟତା ମିଳିନଥିବା ସେମାନେ ଅଭିଯୋଗ କରିଥିଲେ।

## ଡିଜିଟାଲ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୩।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକଙ୍କ ଡିଜିଟାଲ ସାକ୍ଷରତା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରୋତ୍ସାହନରେ ଡ଼. ନେହା ପାଣ୍ଡେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୋପାଳପୁର ସ୍ଥିତ ଜରା ନିବାସରେ ବିଭାଗର ଛାତ୍ରୀଛାତ୍ର ଅନ୍ତେବାସୀଙ୍କ ସହ ଡିଜିଟାଲ ସାକ୍ଷରତା ଉପରେ ଆଲୋଚନା କରିଥିଲେ। ସେହିପରି ସାଇବର ଠକେଇ ରୋକିବା ପାଇଁ କୌଣସି ଅଜଣା ବ୍ୟକ୍ତି ଫୋନ କିମ୍ବା ବ୍ୟକ୍ତିଗତ ଭାବେ ବ୍ୟାଙ୍କ ଆକାଉଣ୍ଟ ନମ୍ବର, ପିନ କୋଡ଼ ନମ୍ବର ଭଳି ତଥ୍ୟ କାହାକୁ ନଦେବା ପାଇଁ ବୁଝାଇଥିଲେ। ବିଭାଗୀୟ ମୁଖ୍ୟ ଡ଼. ବନ୍ଦିତା ପଣ୍ଡା, ଡ଼. ଚିନ୍ମୁ ବହିଦାର, ପ୍ରଫେସର ଗଣେଶ ସେଠୀ, ଅଗ୍ନି ବେହେରା, ସୌରଭ ସେଠ, ଜରା ନିବାସ ପକ୍ଷରୁ ପରିଚାଳିକା ସାବିତ୍ରୀ ଦେବତା, ଅମରେଶ କଅଁରଙ୍କ ସମେତ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୪୮୩ ମଣ୍ଡିରେ ଚାଷୀ ବିକିବେ ଧାନ

ବ୍ରହ୍ମପୁର,୨୩।୮(ଅଶୋକ କୁମାର ସାହୁ)


ଶେରଗଡ ବ୍ଲକରେ ପଞ୍ଜୀକରଣ ଯାଞ୍ଚ କରାଯାଉଛି।

ଚଳିତବର୍ଷ ଗଞ୍ଜାମ ଜିଲାରେ ଖରିଫ ଧାନ କିଣା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜିଲାର ୨୨ ବ୍ଲକରେ ୪୮୩ ମଣ୍ଡି ସ୍ଥାପନ କରାଯାଉଛି। ଏହି ମଣ୍ଡିରେ ଚାଷୀ ଧାନ ବିକିବେ। ସେଥିପାଇଁ ସେମାନେ ପଞ୍ଜିକରଣ କରିଥିବେ ସେମାନଙ୍କୁ ହିଁ ଧାନ ବିକିବାକୁ ଅନୁମତି ଦିଆଯିବ ବୋଲି ସମବାୟ ଉପନିବନ୍ଧକଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

ବର୍ତ୍ତମାନ ନିଅଣ୍ଟିଆ ବର୍ଷା ଆଉ ନାହିଁ। ତାଙ୍କୋଡ଼େ ରୁଆ ସରିବା ଉପରେ। ତେଣୁ ସରକାର ଖରିଫ ଋତୁରେ ଭଲ ଚାଷ ହେବା ଆଶା ରଖୁଛନ୍ତି। ଏବେଠୁ ଚାଷୀ କିଭଳି ଧାନ ବିକିବେ ସେହି ପ୍ରକ୍ରିୟା ବି ଆରମ୍ଭ ହୋଇଯାଇଛି। ଗତ ଜୁଲାଇ ୧୫ ତାରିଖରୁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଛି। ଗତ ଗୁରୁବାର ପଞ୍ଜିକରଣ ପାଇଁ ଆବେଦନ ଶେଷ ହୋଇଯାଇଛି। କିନ୍ତୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଡିଜିଟାଇସେନ କାର୍ଯ୍ୟ ହେବାକୁ ଥିବାରୁ ଚାଷୀଙ୍କ ପଞ୍ଜିକରଣ ତଥ୍ୟ ଆସିପାରିନାହିଁ। ଚାଷୀମାନେ ନିକଟସ୍ଥ ପାକ୍ସ, ଲ୍ୟାମ୍ପସରେ ଆବେଦନ କରିଛନ୍ତି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଧାନର ଏମଏସପି ବୃଦ୍ଧି କରିଥିବାରୁ ଚାଷୀ ଧାନ ବିକିବାକୁ ଆଗ୍ରହୀ ହେବେ ବୋଲି ଲକ୍ଷ୍ୟ କରାଯାଉଛି। ତେବେ ଚାଷୀମାନେ ମଣ୍ଡିରେ ଧାନ ବିକିବାକୁ ଥିବାରୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ବିଭିନ୍ନ ପଞ୍ଚାୟତରେ ଥିବା ପ୍ରାଥମିକ ସେବା ସମବାୟ ସମିତି ଓ ଲ୍ୟାମ୍ପ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଧାନ ବିକିବା କେନ୍ଦ୍ର(ମଣ୍ଡି) କରାଯାଉଛି। ଏହିକ୍ରମରେ ଚଳିତବର୍ଷ ୩୬୫ ପାକ୍ସ,ଲ୍ୟାମ୍ପ ଓ ୧୧୭ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଗୋଟିଏ ପାଣି ପଞ୍ଚାୟତରେ ଧାନ ବିକ୍ରି କରାଯିବାକୁ ସ୍ଥିର ହୋଇଛି। ମୋଟ ୪୮୩ ମଣ୍ଡି ବ୍ୟବସ୍ଥା କରାଯାଉଛି। ତେବେ ଦିନକୁ ଦିନ ଚାଷୀ ପଞ୍ଜିକରଣ ସଂଖ୍ୟା ବୃଦ୍ଧି ପାଉଥିବା ତଥ୍ୟରୁ ଜଣାପଡିଛି। ଶୁକ୍ରବାର ସୁଦ୍ଧା ଜିଲାରେ ୧ ଲକ୍ଷ ୩୬ ହଜାର ୧୭୪ ଚାଷୀଙ୍କ ପଞ୍ଜିକରଣ ସିଦ୍ଧ ହୋଇଛି। କିନ୍ତୁ ଗତବର୍ଷ ଆଜିର ଦିନରେ ପଞ୍ଜିକରଣ ସଂଖ୍ୟା ୧ଲକ୍ଷ ୩୨ ହଜାର ୫୪୯ ଜଣ ଥିଲା। ଗତବର୍ଷ ମୋଟ ଚାଷୀ ପଞ୍ଜିକରଣ ସଂଖ୍ୟା ୧ ଲକ୍ଷ ୪୬ ହଜାର ୫୪୧ ଥିବାବେଳେ ଚଳିତବର୍ଷ ନିଶ୍ଚିତ ଭାବେ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ କୁହାଯାଇଛି। ଭାଗଚାଷୀ, ନାମ ମାତ୍ର ଚାଷୀ ସମସ୍ତଙ୍କୁ ଏଥିରେ ସମ୍ପୃକ୍ତ କରାଯାଇଛି। ଏନେଇ ପୂର୍ବରୁ ସଚେତନ ବି କରାଯାଇଛି। ଯେଉଁମାନେ ଜମିର ମାଲିକ ସେମାନଙ୍କ ସହମତିରେ ହିଁ ଏହି ପଞ୍ଜିକରଣ କରାଯାଇଛି ବୋଲି ସମବାୟ ବିଭାଗ ପକ୍ଷରୁ କୁହାଯାଇଛି। ଚାଷୀ ମଣ୍ଡିରେ ଧାନ ବିକିବାର ୪୮ ଘଣ୍ଟା ମଧ୍ୟରେ ଆକାଉଣ୍ଟକୁ ତାଙ୍କ ପ୍ରାପ୍ୟ ଡିପୋଜିଟ ହେବ। ସମବାୟ ବିଭାଗ ମଣ୍ଡିଦ୍ୱାରା ଧାନ କିଣିବା ପରେ ମିଲର ଆସି ନେବେ। ସମବାୟ ବିଭାଗ କେବଳ ଏଜେଣ୍ଟ ହିସାବରେ କାମ କରୁଛି। ଓଡ଼ିଶା ଯୋଗାଣ ନିଗମ ପକ୍ଷରୁ ଅନ୍ୟାନ୍ୟ କାର୍ଯ୍ୟ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ସମବାୟ ଉପନିବନ୍ଧକ ବିଶ୍ୱରଂଜନ ଦାସଙ୍କୁ ପଚାରିବାରୁ ସେ କହିଲେ, ଦୁର୍ନୀତି ନ ହେବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ପଞ୍ଜିକରଣ ସରିଲା ପରେ ଆସନ୍ତା ମାସରେ ରାଜସ୍ୱ ନିରୀକ୍ଷକ ଓ ଭିଏଲଡବ୍ଲ୍ୟୁଙ୍କ ଦ୍ୱାରା କ୍ଷେତ୍ର ଯାଞ୍ଚ କରାଯିବ। ସେମାନଙ୍କଠାରୁ ରିପୋର୍ଟ ମିଳିବା ପରେ ନଭେମ୍ବର ମାସରେ କେତେ ଚାଷୀ, କେତେ ପରିମାଣର ଧାନ ବିକିବେ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ଛାତ୍ର ସଂସଦ ନିର୍ବାଚନ ଦାବିରେ ବିକ୍ଷୋଭ



ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର,୨୩।୮(ସ୍ୱାଧୀନ ଶେଖର ପାଢ଼ୀ)

ଗଂଜାମ ଜିଲା ବ୍ରହ୍ମପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଶୁକ୍ରବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ର ସଂସଦ ନିର୍ବାଚନ ନେଇ ବିକ୍ଷୋଭ ଓ ଦସ୍ତଖତ ଅଭିଯାନ କରାଯାଇଛି। ଉକ୍ତ ନିର୍ବାଚନ ପାଇଁ ଦୀର୍ଘ ଦିନ ଧରି ସରକାରଙ୍କ ନିକଟରେ ଏବିଭିପି ଦାବିକରିଆସୁଛି। ଏବେ ସରକାର ପରିବର୍ତ୍ତନ ହୋଇଛି। ତେଣୁ ସମାନ ଢଙ୍ଗରେ ଛାତ୍ର ସଂସଦ ନିର୍ବାଚନ କରାଗଲେ କ୍ୟାମ୍ପସ ନେତୃତ୍ୱ ସୃଷ୍ଟି ହେବା ସହ କଲେଜ ସମସ୍ୟା ସମାଧାନ ହୋଇପାରିବ ବୋଲି କୁହାଯାଇଛି। ଏହି ଅଭିଯାନ ବ୍ରହ୍ମପୁର ଠାରୁ ଆରମ୍ଭକରି ରାଜ୍ୟର ବିଭିନ୍ନ କ୍ୟାମ୍ପସରେ ଜାରିରହିଛି। ବିକ୍ଷୋଭସ୍ଥଳରେ ବିଭାଗ ସଂଯୋଜକ ଅନୀଲ କୁମାର ସ୍ୱାଇଁ, ବ୍ରହ୍ମପୁର ମହାନଗର ବିସ୍ତାରିକା ଦୀପ୍ତିମୟୀ ପ୍ରତିହାରୀ, ରାହୁଲ ବେହେରା,ମନୋଜ ପାଣିଗ୍ରାହୀ,କିରଣ ସାହୁ, ପ୍ରଜ୍ଞା ସାହୁ,ବାଦଲ ମହାପାତ୍ର, ନାନି ରେଡି, ଶଙ୍କର ମହାରଣା, ଅମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମରେ ୪୫ ଡେଙ୍ଗୁ ଆକ୍ରାନ୍ତ

ବ୍ରହ୍ମପୁର, ୨୩।୮(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଡେଙ୍ଗୁ ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ଏଯାବତ ଜିଲାରୁ ୪୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ସାରିଲେଣି। ତନ୍ମଧ୍ୟରୁ ୨୫ ରୋଗୀ ବାହାର ରାଜ୍ୟ ଓ ଜିଲାରୁ ଆକ୍ରାନ୍ତ ହୋଇ ଆସିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୧୫୪୮ ନମୁନା ପରୀକ୍ଷା କରାଯାଇଛି। ତନ୍ମଧ୍ୟରୁ ୪୫ ନମୁନା ପଜିଟିଭ ଆସିଛି। ୪୫ ପଜିଟିଭ ମଧ୍ୟରୁ ୨୫ଜଣ ବାହାର ରାଜ୍ୟ ଓ ଜିଲାରୁ ଆକ୍ରାନ୍ତ ହୋଇ ଆସିଥିବା ବେଳେ ୨୦ଜଣ ଗଞ୍ଜାମ ଜିଲାରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଏମକେସିଜି ମେଡିକାଲ କାଜୁଆଲ୍ଟିର ପ୍ରଥମ ମହଲାରେ ସ୍ୱତନ୍ତ୍ର ୱାର୍ଡ କରାଯାଇଛି। ଗଞ୍ଜାମ ଜିଲାରେ ୨୦୨୧ରେ ୨୭୧୩ ନମୁନା ପରୀକ୍ଷା କରାଯାଇଥିବା ବେଳେ ୩୩୩ ନମୁନା ପଜିଟିଭ ଆସିଥିଲା। ସେହିପରି ୨୦୨୨ରେ ପରୀକ୍ଷା କରାଯାଇଥିବା ୩ହଜାର ନମୁନାରୁ ୧୬୧ଟି ପଜିଟିଭ ଆସିଥିଲା। ଗତବର୍ଷ ୨୦୨୩ରେ ୪ହଜାର ୩୬୬ ନମୁନା ପରୀକ୍ଷା କରାଯାଇଥିବା ବେଳେ ୧୭୦ଟି ନମୁନା ପଜିଟିଭ ଆସିଥିଲା।

## ଏମ୍‌କେସିଜି ପଛ ଫାଟକ ଗଳାବାଟ ବନ୍ଦ

ବ୍ରହ୍ମପୁର,୨୩।୮(ସୁବାସ ଚନ୍ଦ୍ର ପାଢ଼ୀ): ଏମକେସିଜି ମେଡିକାଲ କ୍ୟାମ୍ପସର ଦ୍ୱିତୀୟ ଫାଟକ ତଥା ପଛ ଫାଟକରେ ଥିବା ଗଳାବାଟକୁ ସିମେଣ୍ଟ କାନ୍ଥ ଉଠାଇ ବନ୍ଦ କରିଦିଆଯାଇଛି । ଏହି ଗଳାବାଟ ଦେଇ ପ୍ରତ୍ୟେକ ଦିନ ଶହଶହ ଲୋକ ଯାତାୟାତ କରୁଥିଲେ । ଯେଉଁଥିପାଇଁ କ୍ୟାମ୍ପସରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଥିଲା ବୋଲି ଅଭିଯୋଗ ହୋଇଥିଲା। ସେହିପରି ଏମକେସିଜିର ଏମବିବିଏସ ଛାତ୍ରୀଛାତ୍ର ଓ ଜୁନିୟର ଡାକ୍ତର ସଂଘ ପକ୍ଷରୁ ତାହାକୁ ବନ୍ଦ କରିବାକୁ ଦାବି କରାଯାଉଥିଲା । ସେହିକ୍ରମରେ ଏମକେସିଜି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ଫାଟକର ଦୁଇ ପାର୍ଶ୍ୱରେ ଥିବା ଗଳାବାଟରେ ସିମେଣ୍ଟ କାନ୍ଥ ଉଠାଯାଇଛି । ଅନ୍ୟପକ୍ଷରେ ଆଗାମୀ ଦିନରେ ଖେଳପଡିଆ ଠାରୁ ଏମକେସିଜି ହଷ୍ଟେଲ ଦେଇ ସିଦ୍ଧାର୍ଥନଗର ଆଡକୁ ଲମ୍ବିଥିବା ରାସ୍ତାରେ ଏକ ଫାଟକ ନିର୍ମାଣ କରାଯିବ ବୋଲି ଯୋଜନା ରହିଛି। ସେହିପରି ବିଭିନ୍ନ ସ୍ଥାନରେ ପାଚେରୀ ଭାଙ୍ଗି ଯେଉଁ ଗଳାବାଟ ରହିଛି ସେଗୁଡ଼ିକ ମଧ୍ୟ ବନ୍ଦ କରାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ଓ ବିଇଏମ୍‌ସି ପକ୍ଷରୁ ସାଇରାମଙ୍କ ପରିବାରକୁ ୮ ଲକ୍ଷ ସହାୟତା

ବ୍ରହ୍ମପୁର,୨୩।୮(ସ୍ମୃତି ରଞ୍ଜନ ମହାଲିକ)

ସହରର ୨ ନଂ ୱାର୍ଡ ଲକ୍ଷ୍ମୀ ନୃସିଂହ ସାହି ୧୪ ଲେନରେ ବୁଧବାର ମୁକୁଳା ଡ୍ରେନରେ ଭାସିଯାଇଥିବା ୧୧ ବର୍ଷର ଛାତ୍ର ସାଇରାମ ପାତ୍ରଙ୍କ ପରିବାରଙ୍କୁ ବିଇଏମସି ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଇଏମସି ପକ୍ଷରୁ ତାଙ୍କ ପରିବାରକୁ ୩ ଲକ୍ଷ ଟଙ୍କାର ଚେକ ଓ ନଗଦ ଆକାରରେ ୧ ଲକ୍ଷ ଟଙ୍କା ମେୟର ସଂଘମିତ୍ରା ଦଳେଇ ସାଇରାମଙ୍କ ମା'ଙ୍କୁ ପ୍ରଦାନ କରିଛନ୍ତି। ଏହି ସମୟରେ ଡେପୁଟି ମେୟର ଇ ବିବେକ ରେଡି, କମିଶନର ଭବାନୀ ପ୍ରସାଦ ମିଶ୍ରଙ୍କ ସମେତ ଅନେକ କର୍ପୋରେଟର ଉପସ୍ଥିତ ଥିଲେ। ଘଟଣା ସ୍ଥଳରେ ବାଉଁଶ ବ୍ୟାରିକେଡ ସହ ମୁକୁଳା ଡ୍ରେନରେ ଲୁହା ଗ୍ରୀଲ ପକାଯିବ ବୋଲି ମେୟର କହିଥିଲେ। ସେହିପରି ବ୍ରହ୍ମପୁର ଏମପି ଡ ପ୍ରଦୀପ କୁମାର ପାଣିଗ୍ରାହୀ ଓ ବିଧାୟକ କେ. ଅନୀଲ କୁମାର ମଧ୍ୟ ସାଇରାମଙ୍କ ପରିବାରକୁ ଭେଟି ତାଙ୍କୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଘୋଷିତ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତାକୁ ଚେକ ଆକାରରେ ତାଙ୍କ ପରିବାର ବର୍ଗକୁ ପ୍ରଦାନ କରିଛନ୍ତି। ଫାଇଲିନ ପରେ ବ୍ରହ୍ମପୁରରେ ୬୦୦ କୋଟି ଟଙ୍କା ବ୍ୟୟରେ ସ୍ୱେରେଜ ଓ ଡ୍ରେନେଜ ମାଷ୍ଟର ପ୍ଲାନ ପାଇଁ ଯୋଜନା ହୋଇଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ବର୍ତ୍ତମାନ ଉକ୍ତ ପ୍ଲାନକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରିବେ ବୋଲି ଏମପି କହିଥିଲେ। ମାଷ୍ଟର ପ୍ଲାନ ଅନୁସାରେ କାର୍ଯ୍ୟ କଲେ ଏଭଳି ଅଘଟଣ ଘଟିବ ନାହିଁ ବୋଲି ସେ କହିଛନ୍ତି। ଏଥିରେ ବିଧାୟକ କେ ଅନୀଲ କୁମାର, ଭାଜପା ଜିଲା ସଭାପତି ଡା ସୁବାଷ ସାହୁ, ରାଜ୍ୟ ପ୍ରବକ୍ତା ଟି. ଗୋପୀ ଓ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ସାଇରାମ ବୁଧବାର ସନ୍ଧ୍ୟାରେ ଟ୍ୟୁସନ ସାରି ଘରକୁ ଫେରୁଥିବା ସମୟରେ ନିଜ ଘର ନିକଟରେ ରହିଥିବା ମୁକୁଳା ଡ୍ରେନରେ ଖସି ପଡିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ବିଇଏମସିର ଅସଜଡା ଡ୍ରେନ କାରଣରୁ ନିରୀହ ଛାତ୍ରଙ୍କ ପ୍ରାଣ ଗଲା ବୋଲି ଅଭିଯୋଗ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ଅନୁକମ୍ପାମୂଳକ ସହାୟତା ପାଇଁ ଦାବି କରାଯାଇଥିଲା। ଯାହାଦ୍ୱାରା ଶୁକ୍ରବାର ତାଙ୍କ ପରିବାରଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି।


ମେୟରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ।

# ପାରଳା ମହାରାଜ ଇଞ୍ଜିନିୟରିଂ କଲେଜରେ ଆଲୋଚନାଚକ୍ର



କାର୍ଯକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୩।୮(ସ୍ୱାଧୀନ ଶେଖର ପାଢ଼ୀ)

ପାରଳା ମହାରାଜ ଇଞ୍ଜିନିୟରିଂ କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ଶୁକ୍ରବାର ନୂତନ କେନ୍ଦ୍ରୀୟ ଅର୍ଥ ସମୀକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ସୁଧାକର ପାତ୍ର ଯୋଗ ଦେଇ ନୂତନ କେନ୍ଦ୍ରୀୟ ଅର୍ଥ ସମୀକ୍ଷା ବିଷୟରେ ସମସ୍ତଙ୍କୁ ସୂଚନା ଦେଇଥିଲେ । ଏନଏସଏସ ପ୍ରୋଗ୍ରାମ ଅଫିସର ଡ଼. ଚିତ୍ତରଞ୍ଜନ ମଲ୍ଲିକ, ରାନୁମୟୀ ସିଂ , ମୌଳିକ ବିଜ୍ଞାନ ଏବଂ ମାନବିକତା ବିଭାଗର ଅଧ୍ୟାପକ ଡ଼. ଜ୍ଞାନରଞ୍ଜନ ମହାନ୍ତି ମଞ୍ଚାସୀନ ଥିଲେ। ଅର୍ଥମନ୍ତ୍ରୀ ଡ.ନିର୍ମଳା ସୀତାରାମଣଙ୍କ ଦ୍ୱାରା ଘୋଷିତ ବର୍ଷ ୨୦୨୪–୨୫ର ନୂତନ କେନ୍ଦ୍ରୀୟ ଅର୍ଥ ସମୀକ୍ଷା ସମ୍ବନ୍ଧରେ ଅବଗତ କରାଯାଇଥିଲା । ଏଥିରେ ବହୁ ଅଧ୍ୟାପକ, ଶିକ୍ଷକ, ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଦେଶୀମଦ, ବାଇକ୍ ଜବତ: ୭ ଗିରଫ

ଖଲ୍ଲିକୋଟ,୨୩।୮(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ଓ ବେଗୁନିଆପଡ଼ା ଥାନାଞ୍ଚଳରେ ଶୁକ୍ରବାର ଅବକାରୀ ବିଭାଗ ଚଢ଼ାଉ କରି ୩୦୫ ଲିଟର ଦେଶୀମଦ ଓ ବାଇକ୍ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ଶୁକ୍ରବାର ଗଞ୍ଜାମ ଅବକାରୀ ଉପ ଅଧୀକ୍ଷକ ସ୍ୱାଧୀନ ସାହୁଙ୍କ ନେତୃତ୍ୱରେ ଛତ୍ରପୁର ଅବକାରୀ ସଦର ରେଞ୍ଜ ଇନ୍ସପେକ୍ଟର ବାଳକ ବିଶି, ମୋବାଇଲ ସ୍କ୍ୱାର୍ଡ ସବ ଇନ୍ସପେକ୍ଟର ସୂର୍ଯ୍ୟନାରାୟଣ ରଥ, ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନାଧିକାରିଣୀ ଦେବସ୍ମିତା ନାୟକ ଓ ଅବକାରୀ ପୋଲିସ ଟିମ ସହ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ତାଳସର, ଅଙ୍ଗାରଗାଁ, ସୁମଣ୍ଡଳ, ମାଳ ବେଲପଡ଼ା, ନୂଆଗଡ଼ ଓ ଖଲ୍ଲିକୋଟ ଥାନା ଅନ୍ତର୍ଗତ ନାରାୟଣୀ ଛକ ଏବଂ ମଥୁରା ଠାରେ ଚଢାଉ କରି ମଦ କରିଥିବା ବେଳେ ୭ ଜଣଙ୍କୁ ଗିରଫ କରିଛନ୍ତି।

# ବିରୋଧୀ ଦଳ ନେତାଙ୍କୁ ଭାଜପାର ଟାର୍ଗେଟ

ବ୍ରହ୍ମପୁର,୨୩।୮(ନରସିଂହ ସାହୁ)

ସମରଝୋଳ ସଡ଼କ ଦୁର୍ଘଟଣା ଓ ଚିକିଟି ମଦ ମୃତ୍ୟୁ ନେଇ ରାଜନୀତି ସରଗରମ ହୋଇଛି। ବିଜେଡିର ଫ୍ୟାକ୍ଟ ପାଇଣ୍ଡିଂ କମିଟି ଗତ ଗୁରୁବାର ଚିକିଟି ଗସ୍ତ ବେଳେ ମୃତକଙ୍କ ପରିବାରକୁ ସେଠାର ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଭେଟି ନଥିବାରୁ କଡ଼ା ସମାଲୋଚନା କରାଯାଇଥିଲା। ଏହାର ଜବାବରେ ଭାଜପା ପାଲଟା ଅଭିଯୋଗ କରି ବିଜେଡିକୁ ଟାର୍ଗେଟ କରିଛି। ସମରଝୋଳ ଦୁର୍ଘଟଣା ସ୍ଥଳରେ ଏକାଥରକେ ୪ ଜଣଙ୍କ ଜୀବନ ଯାଇଛି। ଶୁକ୍ରବାର ଏହାର ଦୁଇଦିନ ବିତିଥିବା ସତ୍ତ୍ୱେ ହିଞ୍ଜିଳି ବିଧାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନ ଆସିବା ନିନ୍ଦନୀୟ ବୋଲି ଗଞ୍ଜାମ ଜିଲା ଭାଜପା ସଭାପତି ଡ଼ା. ସୁବାସ ସାହୁ କଟାକ୍ଷ କରିଛନ୍ତି । ସେ ଆହୁରି କହିଛନ୍ତି ମଦମୃତ୍ୟୁର ପ୍ରଥମ ରାତିରେ ଚିକିଟି ବିଧାୟକ ଦ୍ୟାନ ସାମନ୍ତରା ରାତ୍ର ସାଢ଼େ ୩ଟା ଯାଏଁ ଏମକେସିଜିରେ ରହି ଚିକିତ୍ସା ବ୍ୟବସ୍ଥା କରାଇଥିଲେ ଏବଂ ଅନ୍ୟ ପଦକ୍ଷେପ ନେଇଥିଲେ। ବିଜେଡି ତଥ୍ୟ ଅନୁଧ୍ୟାନ କମିଟି କିଛି ନ ଜାଣି କେବଳ ରାଜନୈତିକ ଉଦ୍ଦେଶ୍ୟରେ ମିଥ୍ୟା ଆରୋପ କରୁଛନ୍ତି। ଶୁକ୍ରବାର ମନୋରଞ୍ଜନଙ୍କ ସ୍ତ୍ରୀ ତଥା ରାଜ୍ୟ ମହିଳା ମୋର୍ଚ୍ଚା ନେତ୍ରୀ ମୀନା ଦ୍ୟାନ ସାମନ୍ତରା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିବା ଜିଲା ଭାଜପା ସଭାପତି କହିଛନ୍ତି।

## ଗୁରୁଣ୍ଡି ସ୍କୁଲରୁ ଚୋରି

ଖଲ୍ଲିକୋଟ,୨୩।୮(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ନୂତନ ଗୁରୁଣ୍ଡି ଗ୍ରାମରେ ରୂପାନ୍ତରିତ ହୋଇଥିବା ଅନନ୍ତ ଗୁଞ୍ଜର ଉଚ୍ଚ ବିଦ୍ୟାଳୟରୁ ଗୁରୁବାର ରାତିରେ ବହୁ ମୂଲ୍ୟବାନ ଜିନିଷ ସବୁ ଚୋରି ହୋଇଛି। ସ୍କୁଲରେ ଲାଗିଥିବା ସ୍ମାର୍ଟବୋର୍ଡ, କମ୍ପ୍ୟୁଟର, ସାଉଣ୍ଡ ବକ୍ସ, ସିସିଟିଭି ହାର୍ଡଡିସ୍କ ଆଦି ଚୋରି ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ କୁମାରୀ ଷଡ଼ଙ୍ଗୀ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଦେଶୀମଦ ଜବତ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୩।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ପକ୍ଷରୁ ଚୋରାମଦ ଧରପଗଡକୁ ଜୋରଦାର କରାଯାଇଛି। ଦିଗପହଣ୍ଡି ଥାନା କୁମ୍ଭଝରି ଗ୍ରାମର ଅଜିତ ମଲ୍ଲିକଙ୍କଠାରୁ ୨୦ ଲିଟର ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯିବା ସହ ଶୁକ୍ରବାର ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରାଯାଇଛି। ଥାନା ମାମଲା ନଂ.୩୧୯/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ।

# ଫେରାର ଅଭିଯୁକ୍ତ ଗିରଫ, ସଂଖ୍ୟା ୮ରେ ପହଞ୍ଚିଲା

## ଚିକିଟି ମଦମୃତ୍ୟୁ ଘଟଣା

ଚିକିଟି,୨୩।୮(ପ୍ରକାଶ ଚନ୍ଦ୍ର ସାହୁ): ଚିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ ପିଇ ମୃତ୍ୟୁ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ମାଉନ୍ଦପୁର ଗ୍ରାମର ରାଜେନ୍ଦ୍ର ସାହୁ ଓରଫ ଜୁରିଆ। ଘଟଣା ପରଠାରୁ ସେ ଫେରାର ଥିଲେ। ପୋଲିସ ଖୋଜାଖୋଜି କରିବା ସହିତ ମୋବାଇଲ୍ ଟ୍ରାକ କରି ତାଙ୍କୁ ଗିରଫ କରିଥିବା କେ.ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି। ଗତ ସୋମବାର ମାଉନ୍ଦପୁର ଗ୍ରାମରେ ମଦ ପିଇ ୨୩ ଜଣ ଅସୁସ୍ଥ ହେବା ପରେ ପୋଲିସ ଚଢ଼ାଉ କରି ଚୋରାମଦ କାରବାର କରୁଥିବା ସନ୍ଦେହରେ ୬ ଜଣଙ୍କୁ ଗିରଫ କରିଥିଲା। ସେହିପରି ଚିକିଟି ଅବକାରୀ ପକ୍ଷରୁ ଢେପଗାଁରେ ଚଢ଼ାଉ କରାଯାଇ ୫୫ ଲିଟର ଦେଶୀମଦ ଜବତ କରିବା ସହିତ ଜଣେ ମହିଳାଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ୮ ଜଣ ଗିରଫ ହୋଇଥିବା ବେଳେ ଏଥିରେ ଅନ୍ୟ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି କେ ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ କହିଛନ୍ତି।

# ଫାଶରୁ ଉଦ୍ଧାର କୃଷ୍ଣସାର ମୃଗର ମୃତ୍ୟୁ

ବୁଗୁଡ଼ା,୨୩।୮(କାଳିଚରଣ ଦାଶ)



ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ତାଳସାକର–ବୁରୁଝୋଳା ରାସ୍ତାକଡ ବିଲରେ ବିଛା ଯାଇଥିବା ଲୁହାତାର ଫାଶରେ ପଡିଥିବା ୭ ବର୍ଷର ଏକ ଅଣ୍ଡିରା କୃଷ୍ଣସାର ମୃଗର ମୃତ୍ୟୁ ହୋଇଛି। ଗୁରୁବାର ଅପରାହ୍ନରେ କୃଷ୍ଣସାର ମୃଗ ଦଳ ବିଚରଣ କରୁଥିବା ବେଳେ ସେଥିମଧ୍ୟରୁ ଗୋଟିଏ ବିଲମାଳରେ ବିଛା ଯାଇଥିବା ତାର ଫାଶରେ ଛନ୍ଦି ହୋଇଯାଇଥିଲା। ବୁଲା କୁକୁର ପଲ ତାହାକୁ ଆକ୍ରମଣ କରୁଥିବା ବେଳେ ରାସ୍ତାରେ ଯାଉଥିବା ଲୋକଙ୍କ ନଜରକୁ ଆସିଥିଲା। ମୃଗଟି ଛଟପଟ ହେଉଥିବା ବେଳେ ଲୋକେ ତାହାକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଆହତ ମୃଗଟିକୁ ଆଣି କାର୍ଯ୍ୟାଳୟରେ ଚିକିତ୍ସା କରିଥିଲେ ମଧ୍ୟ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଥିବା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର କହିଛନ୍ତି।

# ମଙ୍କିପକ୍ସ ମୁକାବିଲା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ସଜାଗ

ବ୍ରହ୍ମପୁର,୨୩।୮(ସୁବାସ ଚନ୍ଦ୍ର ପାଢ଼ୀ)

ଆଫ୍ରିକୀୟ ଦେଶରୁ ବିଶ୍ୱର ଅନ୍ୟାନ୍ୟ ଦେଶକୁ ବ୍ୟାପୁଥିବା ମଙ୍କିପକ୍ସକୁ ନେଇ ଗଞ୍ଜାମ ଜିଲାରେ ଚିନ୍ତା ବଢ଼ିଯାଇଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ଜିଲା ସୀମାବର୍ତ୍ତୀ ଅଞ୍ଚଳରେ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛି। ଏହି ରୋଗର ମୁକାବିଲା ପାଇଁ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ ଆଗୁଆ ସଜାଗ ହୋଇଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଉମା ଶଙ୍କର ମିଶ୍ର କହିଛନ୍ତି ଯେ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଗାଇଡ ଲାଇନ ଜାରି ହୋଇଛି। ଜିଲାର ସମସ୍ତ ହସପିଟାଲକୁ ଏନେଇ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିକେନ ପକ୍ସ ଓ ହାଡଫୁଟି ଭଳି ମଙ୍କିପକ୍ସର ବି ସମାନ ଲକ୍ଷଣ ରହିଛି। ଏଥିରେ ଆକ୍ରାନ୍ତ ହେଲେ ଜଣେ ବ୍ୟକ୍ତିଙ୍କ ଶରୀରରେ ନାଲି ଦାଗ ସହିତ ସେହି ସ୍ଥାନ ଫୁଲି ଯାଇଥାଏ। ଜ୍ୱର ବି ହୋଇଥାଏ। ଫଳରେ ରୋଗୀ ମାତ୍ରାଧିକ କଷ୍ଟ ଅନୁଭବ କରିଥାଏ ବୋଲି ସେ କହିଛନ୍ତି। ଗଞ୍ଜାମ ଜିଲାରେ ଏଯାବତ ମଙ୍କିପକ୍ସର ଲକ୍ଷଣ କୌଣସି ରୋଗୀଙ୍କଠାରେ ଦେଖାଯାଇନାହିଁ। କିନ୍ତୁ ଏହାର ସଠିକ ମୁକାବିଲା ପାଇଁ ସମସ୍ତ ହସପିଟାଲ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ହଠାତ ଏହି ରୋଗ ବ୍ୟାପିଗଲେ ବହୁ ସମସ୍ୟା ଉପୁଜିବ। ତେଣୁ ବର୍ତ୍ତମାନ ସମୟରୁ ସାବଧାନ ରହିବା ଆବଶ୍ୟକ। ମଙ୍କିପକ୍ସ ଦେଖାଦେଲେ ରୋଗୀଙ୍କୁ କେଉଁ ପ୍ରକାର ଚିକିତ୍ସା ଯୋଗାଇ ଦିଆଯିବ, ଡାକ୍ତରମାନେ କ'ଣ କରିବେ ସେଥିନେଇ ପ୍ରସ୍ତୁତ ରହିବାକୁ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଛି। ଲକ୍ଷଣ ଦେଖାଦେଲେ ହସପିଟାଲକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବା ସହ ସଙ୍ଗରୋଧ କକ୍ଷରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ପ୍ରତ୍ୟେକ ହସପିଟାଲରେ ଔଷଧ ମହଜୁଦ ରହିଛି। ରୋଗ ଚିହ୍ନଟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାରେ ବର୍ଷା ଲାଗି ରହିଥିବାରୁ ଲୋକେ ଅନେକେ ଭାଇରାଲ ଜ୍ୱରରେ ଆକ୍ରାନ୍ତ ହୋଇପଡୁଛନ୍ତି। ତେଣୁ ମଙ୍କିପକ୍ସ ଭଳି ରୋଗ ପ୍ରତି ଭୟଭୀତ ନହେବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# କଲଭର୍ଟ ପାଲଟିଛି ମରଣଯନ୍ତା, ତଥାପି ଚେତୁନି ବିଇଏମ୍‌ସି

ବ୍ରହ୍ମପୁର,୨୩।୮(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ର ୨ ନଂ ୱାର୍ଡ ଲକ୍ଷ୍ମୀ ନୃସିଂହ ସାହିରେ ଗତ ବୁଧବାର ମୁକୁଳା ଡ୍ରେନରେ ଭାସି ଜଣେ ଛାତ୍ରଙ୍କ ମୃତ୍ୟୁ ପରେ ବି ବିଇଏମସିର ଚେତା ପଶିନି। ଅନେକ ଡ୍ରେନ ନିକଟରେ ସତର୍କ ସୂଚନା ଦିଆଯାଇ ନାହିଁ। ଆଗାମୀ ଦିନରେ ଆହୁରି ଦୁର୍ଘଟଣା ଘଟିବା ସମ୍ଭାବନା ଥିବା ଜାଣିବା ଶୁଣିବା ମହଲରୁ ମତ ପ୍ରକାଶ ପାଉଛି। ବ୍ରହ୍ମପୁରର ୨୮ନଂ. ୱାର୍ଡ ଗୁଡସ ରୋଡର ମୁଖ୍ୟ ରାସ୍ତାରେ ଥିବା କଲଭର୍ଟ ମାସେ ହେଲା ନିର୍ମାଣ ଚାଲିଛି। ଏହା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ ବି ସେଠାରେ ସତର୍କ ସୂଚନା ଦିଆଯାଇନାହିଁ। ୪ରୁ୫ ଫୁଟ ଗର୍ତ୍ତ ହୋଇଥିବାବେଳେ ରାସ୍ତା ମଝିରେ ମାଟି ଗଦା ହୋଇରହିଛି। ନିକଟରେ ଏକ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି। ବହୁ ଛାତ୍ରୀଛାତ୍ର ଯିବା ଆସିବା କରୁଛନ୍ତି। ଏହି ରାସ୍ତା ବ୍ରହ୍ମପୁର ରେଲୱେ ଷ୍ଟେଶନର ୪ନଂ. ପ୍ଲାଟଫର୍ମକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଗୋସାଣୀ ନୂଆ ଗାଁ, ଲାଞ୍ଜିପଲୀ, କମାପଲୀ ଓ ଖଜୁରିଆ ଅଂଚଳର ଲୋକେ ବି ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି। ଖାଲି ସେତିକି ନୁହେଁ ଏହି ରାସ୍ତା ଦେଇ ପ୍ରତିଦିନ ଭାରୀ ଯାନ ଚଳାଚଳ କରୁଛି। କଲଭର୍ଟ ସ୍ଥାନଠାରୁ ପ୍ରାୟ ୨ କିମି ଯାଏଁ ଷ୍ଟ୍ରିଟ ଲାଇଟ ଜଳୁନଥିବାରୁ ସନ୍ଧ୍ୟାରେ ରାସ୍ତାଟି ଅନ୍ଧାର ପାଲଟୁଛି। ନିକଟରେ ଜଣେ ଡାକ୍ତର ନିର୍ମାଣଧୀନ କଲଭର୍ଟ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହୋଇଥିଲେ। ତେଣୁ କେତେବେଳେ କାହାର ଜୀବନ ଯିବ କହି ହେଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବୁଧବାର ଘଟଣା ପରେ ବି ନିର୍ମାଣାଧୀନ କଲଭର୍ଟ ପାଇଁ କୌଣସି ସତର୍କତାମୂଳକ ପଦକ୍ଷେପ କେଉଁ କାରଣରୁ ବିଇଏମସି ନେଇନାହିଁ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଏଠାରେ ସତର୍କ ସୂଚନା ଦେବାକୁ ଦାବି ହୋଇଛି। ଏ ନେଇ ସ୍ଥାନୀୟ କର୍ପୋରେଟର ପାର୍ବତୀ ପ୍ରଧାନ କୁହନ୍ତି, ଏ ବାବଦରେ ବିଇଏମସିକୁ ଗୁରୁବାର ଅବଗତ କରାଇଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ।


ଗୁଡସ ରୋଡରେ ନିର୍ମାଣାଧୀନ କଲଭର୍ଟ।

